# NATIONAL NEWS BULLETIN (ODIA)

## 10 February - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ୟୁନାନି ଦିବସ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀରେ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।
- ଅର୍ଥନୈତିକ ଓ ବୈଷୟିକ ସହଯୋଗ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ।
- ପରୀକ୍ଷା ପେ ଚର୍ଚ୍ଚାର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କୁ ଚାପମୁକ୍ତ ରହିବାର ଉପାୟ ସମ୍ପର୍କରେ କହିଲେ ପ୍ରଧାନମନ୍ତ୍ରୀ ।

ଏବଂ

- ୨୦୨୫-୨୬ ସାଧାରଣ ବଜେଟ୍ ଉପରେ ସଂସଦର ଉଭୟ ଗୃହରେ ଆଲୋଚନା ଜାରି ।

# ପ୍ରେଜ୍-ୟୁନାନି ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ୟୁନାନି ଦିବସ ଅବସରରେ ଦୁଇ ଦିନିଆ ଆର୍ନ୍ତଜାତିକ  ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଉପସ୍ଥିତ ରହିବେ ।

ପ୍ରଖ୍ୟାତ ୟୁନାନି ଚିକିତ୍ସକ, ଶିକ୍ଷକ ଏବଂ ସ୍ୱାଧୀନତା ସଂଗ୍ରାମୀ ହକିମ୍ ଅଜମଲ ଖାଁଙ୍କ ଜୟନ୍ତୀକୁ ପ୍ରତିବର୍ଷ ଫେବୃୟାରୀ ୧୧ ତାରିଖରେ ୟୁନାନି ଦିବସ ଭାବେ ପାଳନ କରାଯାଏ । ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ୟୁନାନି ଔଷଧ ଗବେଷଣା କେନ୍ଦ୍ରୀୟ ପରିଷଦ ଦ୍ୱାରା ଆୟୋଜିତ ହେଉଥିବା ଏହି ଦୁଇ ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି – "ସମନ୍ୱିତ ସ୍ୱାସ୍ଥ୍ୟ ସମାଧାନ ପାଇଁ ୟୁନାନି ଔଷଧର ନୂତନତା – ଆଗକୁ ଯିବାର ବାଟ" । ବିଶ୍ୱ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ନିମନ୍ତେ ୟୁନାନି ଔଷଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀ ଏକ ସଫଳ ମଞ୍ଚ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

# ପିଏମ୍-ଫ୍ରାନ୍ସ ଭିଜିଟ୍

ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ସହ ରଣନୈତିକ, ଅର୍ଥନୈତିକ ଓ ବୈଷୟିକ ସହଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ଏହି ଦୁଇ ଦେଶ ଗସ୍ତ କରିଛନ୍ତି। ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ବିବୃତି ଦେଇ କହିଛନ୍ତି, ତାଙ୍କର ଗସ୍ତ ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀତା ସଂପର୍କକୁ ତ୍ୱରାନ୍ୱିତ କରିବା ସହ ୨୦୪୭ ବିକାଶ ରୋଡମ୍ୟାପ୍ କାର୍ଯ୍ୟର ସମୀକ୍ଷା କରିବା ଲାଗି ସୁଯୋଗ ସୃଷ୍ଟି କରିବ ।

ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଫ୍ରାନ୍ସଠାରେ ୧୨ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ।  ସେଠାରେ ସେ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀ-୨୦୨୫ରେ ଯୋଗଦେବା ସହ ଫ୍ରାନ୍ସ ନେତୃବର୍ଗଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା କରିବେ । ଶ୍ରୀ ମୋଦୀ ମାର୍ସେଲିରେ ଭାରତର ନୂତନ କନ୍‌ସୁଲେଟ୍ ଜେନେରାଲ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ।

ଫ୍ରାନ୍ସ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବୈଠକରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହ ଆନ୍ତର୍ଜାତିକ ଥର୍ମୋ ନ୍ୟୁକ୍ଲିୟର୍ ଏକ୍ସପେରିମେଣ୍ଟାଲ୍ ରିଆକ୍ଟର ପ୍ରତିଷ୍ଠାନ ପରିଦର୍ଶନ କରିବେ ।

ଫ୍ରାନ୍ସ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୨ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଯିବେ । ବାଣିଜ୍ୟ, ପ୍ରଯୁକ୍ତି ବିଦ୍ୟା ଏବଂ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆମେରିକାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସହ ମତ ବିନିମୟ କରିଛନ୍ତି । ଆଲୋଚନାକାଳରେ ପ୍ରଧାନମନ୍ତ୍ରୀ ମିଲେଟ ଏବଂ ପନିପରିବା ର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମୟରେ କିପରି ଚାପମୁକ୍ତ ହେବେ, ସେ ସଂପର୍କରେ ପରାମର୍ଶ ଦେଇଛନ୍ତି । ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ଏବଂ ଶରୀର ସୁସ୍ଥ ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି । ଶୟନ ମଧ୍ୟ ପୁଷ୍ଟି ସାଧନ ଉପରେ ନିର୍ଭର କରିଥାଏ ବୋଲି ସେ କହିଛନ୍ତି ।

**V/O**

ପରୀକ୍ଷା ସମୟରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଚାପରୁ ମୁକ୍ତ ରହିବା ଲାଗି ପ୍ରଧାନମନ୍ତ୍ରୀ କେତେଗୁଡ଼ିଏ ଉପାୟ ବିଷୟରେ କହିଥିଲେ । ସାଧାରଣତଃ ଘରେ ପରୀକ୍ଷା ନେଇ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥାଏ । ଏହି ସବୁ ଚାପରୁ ଦୂରେଇ ରହି ପରୀକ୍ଷାର ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମତ ବିନିମୟ କାଳରେ ତେଲେଙ୍ଗାନାର ଆଲୁଭେଲା ସଇତେଜା ନାମକ ଜଣେ ଛାତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଶବ୍ଦାବଳୀ ପରୀକ୍ଷା ସମୟରେ ପ୍ରେରଣା ଯୋଗାଇବ ।

ଅନ୍ୟ ଜଣେ ଛାତ୍ର ପରୀକ୍ଷା ସମୟରେ ସମୟର ଉପଯୁକ୍ତ ପରିଚାଳନା ବିଷୟରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସମୟକୁ ଉପଯୁକ୍ତ ଭାବେ ଉପଲବ୍ଧି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସମସ୍ତ କାର୍ଯ୍ୟକୁ ତାଲିକା ପ୍ରସ୍ତୁତ କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

## ଲୋକସଭା ବଜେଟ୍

ଲୋକସଭାରେ ଆଜି ପୁଣି ଥରେ ୨୦୨୫-୨୬ ସାଧାରଣ ବଜେଟ୍ ଉପରେ ଆଲୋଚନା ଆରମ୍ଭ ହୋଇଛି । ଏହି ବଜେଟ୍ କର୍ପୋରେଟ୍ ମାନଙ୍କୁ ସମର୍ଥନ କରୁଥିବା ବେଳେ ବେରୋଜଗାରୀ ଏବଂ

ମୁଦ୍ରାସ୍ଫିତିର ସମାଧାନ କରିବାରେ ସଫଳ ହୋଇନାହିଁ ବୋଲି ଡି.ଏମ୍.କେ.ର ଦୟାନିଧି ମାରାନ ଅଭିଯୋଗ କରିଛନ୍ତି । କଂଗ୍ରେସର ମନିଶ ତିୱାରୀ କହିଛନ୍ତି, ବିମୁଦ୍ରିକରଣ ସମୟରେ ସରକାର ଘୋଷଣା କରିଥିବା ଲକ୍ଷ୍ୟ ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ ।

ଅନ୍ୟ ପକ୍ଷରେ ବିଜେପି ସାଂସଦ ଅନୁରାଗ ସିଂହ ଠାକୁର ୨୦୨୫-୨୬ ବଜେଟ୍‌କୁ ପ୍ରଶଂସା କରି କହିଛନ୍ତି, ପ୍ରତ୍ୟେକ କ୍ଷେତ୍ର ପାଇଁ ରେକର୍ଡ ବଜେଟ୍ ଆବଣ୍ଟନ କରାଯାଇଛି ଏବଂ ଏଥିରେ ଦେଶର ବିକାଶ ଗତି ହାସଲ କରିବ । ସେ କହିଛନ୍ତି, ଏନ୍.ଡି.ଏ. ସରକାର ଅମଳରେ ଭାରତୀୟ ଅର୍ଥନୀତି ପଞ୍ଚମ ସ୍ଥାନରେ ପହଞ୍ଚିଛି ଏବଂ ଆଗାମୀ ତିନି ବର୍ଷ ମଧ୍ୟରେ ଏହା ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବ । ପ୍ରତିରକ୍ଷା ବଜେଟ୍ ୨୦୧୩-୧୪ରେ ୨ ଲକ୍ଷ କୋଟିରୁ ୬ ଲକ୍ଷ ୮୧ ହଜାର କୋଟିକୁ ବୃଦ୍ଧି ପାଇଥିବା ବେଳେ ରେଳ ବଜେଟ୍ ୨୭ ହଜାର କୋଟି ଟଙ୍କାରୁ ୨ ଲକ୍ଷ ୫୫ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଲୋକସଭାରେ ଆଲୋଚନା ଜାରି ରହିଛି ।

## ଏଲ୍‌ଏସ୍‌-ଫାଇନ୍‌ସିଆଲ୍ ଇନକ୍ଲୁଜନ୍

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଚଳିତ ବର୍ଷ ଜାନୁଆରୀ ମାସ ସୁଦ୍ଧା ଦେଶରେ ୫୪ କୋଟିରୁ ଅଧିକ ବ୍ୟାଙ୍କ୍ ଖାତା ଖୋଲା ଯାଇଛି । ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏହି ଆକାଉଣ୍ଟ ଗୁଡ଼ିକ ମଧ୍ୟରୁ ୩୦ କୋଟିରୁ ଅଧିକ ଆକାଉଣ୍ଟ ମହିଳାମାନେ ଖୋଲିଛନ୍ତି, ଯାହା ୫୫ ପ୍ରତିଶତରୁ ଅଧିକ । ମନ୍ତ୍ରୀ କହିଛନ୍ତି, ସରକାରଙ୍କ ଆର୍ଥିକ ଆନ୍ତର୍ଭୁକ୍ତିକରଣ ପଦକ୍ଷେପ ଯୋଗୁଁ ବ୍ୟାଙ୍କ୍ ନ ଥିବା ବୟସ୍କ ବ୍ୟକ୍ତିଙ୍କୁ ବ୍ୟାଙ୍କ୍ ଖାତା ଖୋଲିବା ନେଇ ସଚେତନ କରାଯାଉଛି । ଶ୍ରୀମତୀ ସୀତାରମଣ କହିଛନ୍ତି, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ୨୨କୋଟିରୁ ଅଧିକ ଲୋକ ପଞ୍ଜିକୃତ ହୋଇଥିବା ବେଳେ ୪୯ କୋଟି ଲୋକ ପି.ଏମ୍. ସୁରକ୍ଷା ବୀମା ଯୋଜନାରେ ପଞ୍ଜିକୃତ ହୋଇଛନ୍ତି ।

## ଆର୍‌ଏସ୍‌-ରେଡିଓ କ୍ରିକେଟ୍ କମେଣ୍ଟ୍ରି

ରାଜ୍ୟସଭାରେ ଆଜି ଶୂନ୍ୟ କାଳରେ ତୃଣମୂଳ କଂଗ୍ରେସ ସାଂସଦ ବିଭିନ୍ନ ଭାଷାରେ ଧାରା ବିବରଣୀ ନିମନ୍ତେ ସ୍ୱତନ୍ତ୍ର ଚ୍ୟାନେଲ୍ ସ୍ଥାପନ କରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଆକାଶବାଣୀରୁ ପ୍ରସାରିତ କ୍ରିକେଟ୍ ଧାରାବିବରଣୀ ବିଶ୍ୱସ୍ତରୀୟ ବିଷୟବସ୍ତୁ ସୃଷ୍ଟି କରିବାରେ ବିପୁଳ

ସମ୍ଭାବନା ରହିଛି । ସେ ରେଡିଓ ଧାରା ବିବରଣୀର ଇତିହାସ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ ।

## ରାଜ୍ୟସଭା ବଜେଟ୍

ରାଜ୍ୟସଭାରେ ଆଜି ୨୦୨୫-୨୬ ସାଧାରଣ ବଜେଟ୍ ଉପରେ ଆଲୋଚନା ଆରମ୍ଭ ହୋଇଛି । କଂଗ୍ରେସ ସାଂସଦ ପି. ଚିଦାମ୍ବରମ୍ ଆଲୋଚନା ଆରମ୍ଭ କରି କହିଛନ୍ତି, ୨୦୧୪ରେ ଉତ୍ପାଦନ କ୍ଷେତ୍ରର ଅଂଶ ୧୫ ଦଶମିକ୍ ୭ ପ୍ରତିଶତ ଥିବା ବେଳେ ୨୦୧୯ରେ  ଏହା ୧୩ ଦଶମିକ୍ ୪/୬ ଓ ୨୦୨୩ରେ ୧୨ ଦଶମିକ୍ ୯/୩ ପ୍ରତିଶତକୁ ହ୍ରାସ ପାଇଛି । ସେ ଅଭିଯୋଗ କରିଛନ୍ତି, ସରକାର ଉତ୍ପାଦନ ସମ୍ବନ୍ଧୀୟ ପ୍ରୋତ୍ସାହନ ଏବଂ ନିର୍ମାଣ କ୍ଷେତ୍ରରେ ବିଫଳ ହୋଇଛନ୍ତି । ଯୁବକମାନଙ୍କ ବେକାରୀହାର ୧୦ ପ୍ରତିଶତରୁ ଅଧିକ ରହିଛି ଏବଂ ସ୍ନାତକମାନଙ୍କ କ୍ଷେତ୍ରରେ ଏହା ୧୩ ପ୍ରତିଶତରୁ ଅଧିକ ରହିଥିବା ଶ୍ରୀ ଚିଦାମ୍ବରମ୍ କହିଛନ୍ତି ।

ଏହାର ଜବାବରେ ଗୃହର ନେତା ଜେ.ପି. ନଡ୍ଡା ସରକାରଙ୍କ ଅନେକ ଗୁଡ଼ିଏ ଜନକଲ୍ୟାଣକାରୀ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ସେ କହିଥିଲେ, ପ୍ରବାସୀମାନଙ୍କୁ ପ୍ରତ୍ୟର୍ପଣ କ୍ଷେତ୍ରରେ ଅନୁସରଣ କରାଯାଇଥିବା ନିର୍ଦ୍ଦେଶାବଳୀ ୨୦୧୨ ମସିହାରୁ କାର୍ଯ୍ୟକାରୀ

ହୋଇଛି ଏବଂ ଏଥିରେ ପ୍ରତିବନ୍ଧକ ବ୍ୟବସ୍ଥା ରହିଛି । ଆଲୋଚନାରେ ଭାଗ ନେଇ ବିଜେପିର ଦିନେଶ ଶର୍ମା କହିଛନ୍ତି, ୨୦୨୫-୨୬ ବଜେଟ୍‌ରେ ମହିଳା ଏବଂ ସମାଜର ଅନ୍ୟାନ୍ୟ ଅବହେଳିତ ବର୍ଗର ସଶକ୍ତିକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ଡି.ଏମ୍.କେ. ସାଂସଦ ତିରୁଚି ଶିବା କହିଛନ୍ତି, କେନ୍ଦ୍ର ପ୍ରାୟୋଜିତ ଯୋଜନା ପାଇଁ କେନ୍ଦ୍ର ସରକାର ନିଜ ଭାଗ ପ୍ରଦାନ କରୁନାହାନ୍ତି । ରାଜ୍ୟକୁ ପାଣ୍ଠି ବଣ୍ଟନ କ୍ଷେତ୍ରରେ ମଧ୍ୟ ପକ୍ଷପାତିତା ହେଉଥିବା ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ପ୍ରତ୍ୟକ୍ଷ ଟିକସ ଆଦାୟ ହ୍ରାସ ପାଇଛି ଏବଂ ସାଧାରଣ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକୀୟ ଦ୍ରବ୍ୟରେ ମୂଲ୍ୟ ହ୍ରାସ ପାଇଁ ସରକାର ପଦକ୍ଷେପ ନେଇନାହାନ୍ତି ।

ୱାଇ.ଏସ୍.ଆର୍.ସି.ପି.ର ଜି. ବାବୁ ରାଓ କହିଛନ୍ତି, ମନରେଗା ଏବଂ ପି.ଏମ୍. କିଶାନ୍ ଅଧୀନରେ ବଜେଟ୍ ଆବଣ୍ଟନ ସମାନ ରହିଥିବା ବେଳେ ଏଥିପାଇଁ ଅଧିକ ଅର୍ଥ ଆବଣ୍ଟନ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଏବଂ ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ହୋଇଥିବା ଆବଣ୍ଟନ ଅର୍ଥକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରାଯିବା ଆବଶ୍ୟକ ।

ଆଲୋଚନାରେ ଭାଗ ନେଇ ବିଜେଡ଼ିର ଦେବାଶିଷ ସାମନ୍ତରାୟ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ, ଖଣିଜ ପଦାର୍ଥ ଉପରେ ରୟାଲ୍ଟି ବୃଦ୍ଧି ଓ ରାଜ୍ୟକୁ ରେଳ ପ୍ରକଳ୍ପ ପ୍ରଦାନ କରିବାକୁ ଦାବି କରିଛନ୍ତି ।

ଅନ୍ୟ ପକ୍ଷରେ ସାଧାରଣ ବଜେଟ୍‌ରେ ତାମିଲନାଡୁକୁ ଅଧିକ ଅର୍ଥ ଆବଣ୍ଟନ ଦାବିକୁ ସମର୍ଥନ କରି ଏ.ଆଇ.ଏ.ଏମ୍.ଡି.କେ.ର ଡକ୍ଟର ଏମ୍. ଥମ୍ବିଦୁରାଇ ଅଭିଯୋଗ କରିଛନ୍ତି, ତାମିଲନାଡୁର ଡି.ଏମ୍.କେ. ସରକାର ଆବାସ ସମେତ ଅନେକ ଯୋଜନା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି । ଶିବସେନାର ମିଲିନ୍ଦ ମୁରଲି ଦେଓରା ବଜେଟ୍‌କୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱରେ ଦେଶ ପ୍ରଗତି କରିବ ବୋଲି କହିଛନ୍ତି ।

ସମାଜବାଦୀ ପାର୍ଟିର ରାମଜି ଲାଲ ସୁମନ ଏବଂ ଏ.ଜି.ପି.ର ବୀରେନ୍ଦ୍ର ପ୍ରସାଦ ବୈଶ ଆଲୋଚନାରେ ଭାଗ ନେଇଛନ୍ତି ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ରାଜ୍ୟସଭାରେ ଆଲୋଚନା ଜାରି ରହିଥିଲଶ ।